# NATIONAL NEWS BULLETIN (ODIA)
## 7 October - 2023
## Morning Bulletin : 7.15 a.m.

************************************

## ମୁଖ୍ୟ ସମ୍ବାଦ

- ନିର୍ବାଚନ କମିଶନ ନୂଆଦିଲ୍ଲୀରେ ପର୍ଯ୍ୟବେକ୍ଷକମାନଙ୍କ ସହ ୫ଟି ରାଜ୍ୟର ବିଧାନସଭା ନିର୍ବାଚନପାଇଁ ରଣକୌଶଳ ସଂକ୍ରାନ୍ତରେ ଆଲୋଚନା କରିଛି ।
- କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଉତ୍ତରାଖଣ୍ଡ ଗସ୍ତ କରିବେ ।
- କେନ୍ଦ୍ର ମନ୍ତ୍ରୀ ନିତିନ ଗଡ଼କରୀ ଦେଶରେ ବସ୍ ନିର୍ମାଣ ପାଇଁ ବିକଶିତ ଏକକ ଗୁଣମାନକକୁ ଅନୁମୋଦନ କରିଛନ୍ତି ।
- ଆର୍.ବି.ଆଇ. ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ହିତାଧିକାରୀମାନଙ୍କୁ ପି.ଆଇ.ଡି.ଏଫ୍. ଅଧୀନରେ ସାମିଲ କରିବା ପାଇଁ ପ୍ରସ୍ତାବ ଦେଇଛି ।

ଏବଂ

- ଚୀନ୍‌ର ହାଙ୍ଗ୍‌ଝୋ ଠାରେ ଚାଲିଥିବା ଏସୀୟ କ୍ରୀଡ଼ାରେ ଭାରତ ପ୍ରଥମ ଥର ପାଇଁ ୧୦୦ଟି ପଦକ ହାସଲ କରିବାକୁ ଯାଉଛି ।

# ଇସିଆଇ-ଅବଜରଭର୍

ନିର୍ବାଚନ କମିଶନ ଗତକାଲି ନୂଆଦିଲ୍ଲୀରେ ପର୍ଯ୍ୟବେକ୍ଷକମାନଙ୍କ ସହ ଏକ ବୈଠକରେ ୫ଟି ରାଜ୍ୟର ବିଧାନସଭା ନିର୍ବାଚନପାଇଁ ରଣକୌଶଳ ସଂକ୍ରାନ୍ତରେ ଆଲୋଚନା କରିଛି । ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ, ପୁଲିସ୍ ପର୍ଯ୍ୟବେକ୍ଷକ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ଯୋଗ ଦେଇଥିଲେ । ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼, ତେଲଙ୍ଗାନା ଓ ମିଜୋରାମ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଏହି ବୈଠକ ବସିଥିଲା । ନିର୍ବାଚନ ପ୍ରକ୍ରିୟାର ତଦାରଖରେ ପର୍ଯ୍ୟବେକ୍ଷକମାନେ ମୁଖ୍ୟ ଭୂମିକା ନେଇଥାନ୍ତି । ମୁଖ୍ୟ ନର୍ବାଚନ କମିଶନର୍ ରାଜୀବ କୁମାର ଓ ନିର୍ବାଚନ କମିଶନର୍ ଅନୁପଚନ୍ଦ୍ର ପାଣ୍ଡେ ଏବଂ ଅରୁଣ ଗୋୟଲ୍ ବୈଠକରେ ଉଦ୍‌ବୋଧନ ଦେଇଛନ୍ତି ।

ମୁଖ୍ୟ ନିର୍ବାଚନ କମିଶନର୍ ରାଜୀବ କୁମାର କହିଛନ୍ତି, ଏହି ବିଧାନସଭା ନିର୍ବାଚନରେ  ବରିଷ୍ଠ ନାଗରିକ, ଭିନ୍ନକ୍ଷମ ତଥା ବିଭିନ୍ନ ଆଦିବାସୀ ଗୋଷ୍ଠୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ସେମାନଙ୍କୁ ମତଦାନ କେନ୍ଦ୍ରରେ ପହଞ୍ଚାଯିବା ସହ ସ୍ଥଳ ବିଶେଷରେ ଘରେ ଥାଇ ସେମାନେ କିପରି ଭୋଟ ଦେଇପାରିବେ ତାହାର ବ୍ୟବସ୍ଥା ମଧ୍ୟ କରାଯିବ । ନିର୍ବାଚନ କମିଶନର୍ ଶ୍ରୀ ପାଣ୍ଡେ ଏହି ନିର୍ବାଚନ କେବଳ ଯେ ନିରପେକ୍ଷ ହେବ ତାହା ନୁହେଁ ଏହା କିପରି ପ୍ରତ୍ୟେକ ସ୍ତରରେ ନିରପେକ୍ଷ

ରହିବ ସେଥିପାଇଁ ଲୋକମାନଙ୍କ ପାଖରେ ସୂଚନା ପହଞ୍ଚାଯିବ । ମତଦାନ ସମୟରେ ସେ ଅବଜରଭର୍‌ମାନଙ୍କୁ ସାମାଜିକ ଗଣମାଧ୍ୟମ ଉପରେ ସତର୍କ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ କମିଶନର ଶ୍ରୀ ଗୋୟଲ ପର୍ଯ୍ୟବେକ୍ଷକମାନଙ୍କୁ ଆଇନ୍ ଅନୁଯାୟୀ ନିୟମ ଗୁଡ଼ିକୁ ଅକ୍ଷରେ ଅକ୍ଷରେ ପାଳନ କରିବା ପାଇଁ ଆହ୍ୱାନ କରିଛନ୍ତି । ଏହି ବୈଠକରେ ବରିଷ୍ଠ ଡେପୁଟି ନିର୍ବାଚନ କମିଶନର୍‌ଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ ମଧ୍ୟ ଉଦ୍‌ବୋଧନ ଦେଇଥିଲେ । ଏହି ବୈଠକରେ ପ୍ରାୟ ୧ହଜାର ୧୮୦ ଜଣ ଅଧିକାରୀ ଯୋଗ ଦେଇଥିଲେ ।

# ଇସି-ଏନ୍‌ସିପି

ନିର୍ବାଚନ କମିଶନ୍ ଏନ୍.ସି.ପି.ର ଦଳୀୟ ଚିହ୍ନ ଓ ଏ ଦଳ କାହାର ଏ ପ୍ରସଙ୍ଗରେ ଗତକାଲି ଏନ୍.ସି.ପି.ର ଉଭୟ ଗୋଷ୍ଠୀ ସହ କଥାବାର୍ତ୍ତା କରିଛନ୍ତି । ଶରଦ ପାୱାର୍ ନେତୃତ୍ୱାଧୀନ ଗୋଟିଏ ଗୋଷ୍ଠୀ ଓ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର୍ ନେତୃତ୍ୱରେ ଥିବା ଅନ୍ୟ ଏକ ଗୋଷ୍ଠୀ ସେମାନଙ୍କର ଦାବି ନିର୍ବାଚନ କମିଶନ୍‌ଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି । ଉଭୟ ଗୋଷ୍ଠୀ ପ୍ରଥମଥର ପାଇଁ ନିର୍ବାଚନ କମିଶନ୍‌ଙ୍କ ସମ୍ମୁଖରେ ଏ ପ୍ରସଙ୍ଗରେ ନିଜ ନିଜର ଦାବି ଉପସ୍ଥାପନ କରିଛନ୍ତି । ଆସନ୍ତା ସୋମବାର ଦିନ ଉଭୟ ଗୋଷ୍ଠୀ ପୁଣିଥରେ ନିର୍ବାଚନ କମିଶନ୍‌ଙ୍କୁ

ଭେଟିବେ । ଗତକାଲିର ଏହି ବୈଠକ ପରେ ଶରଦ ପାୱାର୍ ଗୋଷ୍ଠୀର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଓକିଲ ଅଭିଶେକ ମନୁ ସିଂଘଭି ସାମ୍ବାଦିକମାନଙ୍କୁ କହିଛନ୍ତି, ନିର୍ବାଚନ କମିଶନ୍ ଗତକାଲି ଅଢ଼େଇ ଘଣ୍ଟାରୁ ଅଧିକ ସମୟ ଉଭୟ ଗୋଷ୍ଠୀକୁ ଶୁଣିଛନ୍ତି । ଶୁଣାଣିର ପ୍ରଥମ ପର୍ଯ୍ୟାୟରେ କମିଶନ୍ କହିଛନ୍ତି, ପ୍ରଥମେ ଆମକୁ ଏ ପ୍ରସଙ୍ଗରେ ବିବାଦ ଅଛି କି ନାହିଁ ତାହା ନିର୍ଦ୍ଧାରିତ କରିବାକୁ ପଡ଼ିବ ।

ସୂଚନା ଯୋଗ୍ୟ ଅଜିତ ପାୱାରଙ୍କ ନେତୃତ୍ୱରେ ଏନ୍.ସି.ପି.ର ଅଧିକାଂଶ ନେତା ଦଳରୁ ବାହାରି ଶାସକ ବିଜେପି ସହିତ ମେଣ୍ଟ କରିବା ପରେ ଦଳୀୟ ନାଁ ଓ ଚିହ୍ନକୁ ନେଇ ବିବାଦ ଦେଖାଦେଇଛି ।

## ଉତ୍ତରାଖଣ୍ଡ-ଅମିତ ଶାହା

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଉତ୍ତରାଖଣ୍ଡ ଗସ୍ତ କରିବେ । ଏହି ଅବସରରେ ସେ ତେହେରି ଜିଲ୍ଲାର ନରେନ୍ଦ୍ର ନଗର ଠାରେ ଆୟୋଜିତ ୨୪ତମ କେନ୍ଦ୍ରୀୟ ଆଞ୍ଚଳିକ ପରିଷଦ ବୈଠକରେ ଅଧ୍ୟକ୍ଷତା କରିବେ । ଏହି ବୈଠକରେ ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀମାନେ ଯୋଗଦେବେ । ଏଥିପାଇଁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗତକାଲିଠାରୁ ସେଠାରେ ପହଞ୍ଚି ସାରିଛନ୍ତି । ଏହି ବୈଠକ ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଡେରାଡୁନ୍‌ରେ

ଜଙ୍ଗଲ ଗବେଷଣା ପ୍ରତିଷ୍ଠାନ ଏଫ୍.ଆର୍.ଆଇ.ରେ ଆୟୋଜିତ ୪୯ତମ ସର୍ବଭାରତୀୟ ପୁଲିସ୍ ସାଇନ୍ସ କଂଗ୍ରେସରେ ଯୋଗଦେବେ ।

## ଗଡ଼କରି-ବସ

କେନ୍ଦ୍ର ମନ୍ତ୍ରୀ ନିତିନ ଗଡ଼କରୀ ଦେଶରେ ବସ୍ ନିର୍ମାଣ ପାଇଁ ବିକଶିତ ଏକକ ଗୁଣମାନକକୁ ଅନୁମୋଦନ କରିଛନ୍ତି । ଏଣିକି ସାରା ଦେଶରେ ଉଚ୍ଚମାନର ବସ୍ ନିର୍ମାଣ ଗୋଟିଏ ଷ୍ଟାଣ୍ଡାର୍ଡ୍‌ରେ କରାଯିବା । ବସ୍ ଗୁଡ଼ିକ ପାଇଁ ଯନ୍ତ୍ରପାତି ଓ ସାମଗ୍ରୀ ନିର୍ମାଣ କରୁଥିବା ସବୁ କମ୍ପାନୀ ଏହି ନିୟମ ଆଧାରରେ ଉଚ୍ଚମାନର ଯନ୍ତ୍ରାଂଶ ନିର୍ମାଣ କରିବେ । ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ଶ୍ରୀ ଗଡ଼କରୀ କହିଛନ୍ତି, ଯାତ୍ରୀମାନଙ୍କ ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଦେଶରେ ବସ୍ ନିର୍ମାଣରେ ବିକାଶ କରିବା ପାଇଁ ଏହି ପଦକ୍ଷେପ ସହାୟକ ହେବ । ଦେଶରେ ବସ୍ ଦୁର୍ଘଟଣା ବଢୁଥିବା ଦୃଷ୍ଟିରୁ ବସ୍ ନିର୍ମାଣରେ ଉଚ୍ଚମାନ ତଥା ସୁରକ୍ଷା ବ୍ୟବସ୍ଥାକୁ ବିକଶିତ କରିବାର ଆବଶ୍ୟକତା ରହିଥିବା ସେ କହିଛନ୍ତି । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ବସ୍ ନିର୍ମାଣ କ୍ଷେତ୍ରରେ କରାଯିବାକୁ ଥିବା ଉଚ୍ଚମାନକ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଏ ପ୍ରସଙ୍ଗରେ ଜନସାଧାରଣମାନେ ସେମାନଙ୍କର ପ୍ରସ୍ତାବ ଓ ମତାମତ ଦେବାକୁ ସେ ଆହ୍ୱାନ କରିଛନ୍ତି । ଦେଶରେ ନିରାପଦ ଓ ସୁରକ୍ଷିତ ଭାବେ

ଉଚ୍ଚ ଗୁଣମାନ ବସ୍‌ରେ କିପରି ଯାତ୍ରା ସମ୍ଭବ ହୋଇପାରିବ ସେଥିପାଇଁ ସେ ବିଭିନ୍ନ ଅଂଶିଦାରମାନଙ୍କ ସହାୟତା ଆଶା କରିଛନ୍ତି ।

## ପିଏମ୍-ବିଶ୍ୱକର୍ମା ସ୍କିମ୍

ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍.ବି.ଆଇ.)ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ହିତାଧିକାରୀମାନଙ୍କୁ ପେମେଣ୍ଟସ୍ ଇନ୍‌ଫ୍ରାଷ୍ଟ୍ରକଚର୍ ଡେଭଲ୍‌ପ୍‌ମେଣ୍ଟ ଫଣ୍ଡ (ପି.ଆଇ.ଡି.ଏଫ୍.) ଅଧୀନରେ ସାମିଲ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ବ୍ୟାଙ୍କ୍ ପକ୍ଷରୁ ଜାରି ଏକ ଇସ୍ତାହାରରେ କୁହାଯାଇଛି, ସେମାନଙ୍କୁ ପି.ଆଇ.ଡି.ଏଫ୍.ରେ ସାମିଲ କରାଗଲେ ତୃଣମୂଳ ସ୍ତରରେ  ଡିଜିଟାଲ୍ ନେଣଦେଣକୁ ପ୍ରୋତ୍ସାହନ ମିଳିବ । ଏହି ପି.ଆଇ.ଡି.ଏଫ୍. ଯୋଜନାକୁ ଆଉ ଦୁଇବର୍ଷ ପାଇଁ ସମ୍ପ୍ରସାରିତ କରିବାକୁ ମଧ୍ୟ ରିଜର୍ଭ ବ୍ୟାଙ୍କ୍ ପ୍ରସ୍ତାବ ଦେଇଛି ।

ସୂଚନା ଯୋଗ୍ୟ ପି.ଆଇ.ଡି.ଏଫ୍. ଜାନୁଆରୀ ୨୦୨୧ରୁ ୩ ବର୍ଷ ପାଇଁ କରାଯାଇଥିଲା । ଏହାକୁ ୨୦୨୫ ମସିହା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିବାକୁ ବ୍ୟାଙ୍କ୍ ପ୍ରସ୍ତାବ ଦେଇଛି । ଶିଳ୍ପ ଗୋଷ୍ଠୀଙ୍କ ମତାମତ ଆଧାରରେ ଆର୍.ବି.ଆଇ. ଅନ୍ୟାନ୍ୟ ବିକଳ୍ପ ପେମେଣ୍ଟ ବ୍ୟବସ୍ଥା ପାଇଁ ମଧ୍ୟ ପ୍ରସ୍ତାବ ଦେଇଛି । ଏଥିରେ ଆଧାର ଓ ବାୟୋମେଟ୍ରିକ୍ ବ୍ୟବସ୍ଥା ମାଧ୍ୟମରେ ପେମେଣ୍ଟ ବ୍ୟବସ୍ଥାର ପ୍ରସ୍ତାବ ଦିଆଯାଇଛି । ଏ ସମ୍ପର୍କରେ

ଯେଉଁ ସଂଶୋଧନ ହେବ ସେସବୁର ବିଜ୍ଞପ୍ତି ଖୁବ୍ ଶୀଘ୍ର ପ୍ରକାଶ ପାଇବ ବୋଲି ଆର୍.ବି.ଆଇ. କହିଛି ।

## ଏନ୍‌ଆଇଏ କନ୍‌ଫ୍ରେନ୍ସ

ଦେଶରୁ ସନ୍ତ୍ରାସବାଦ ଦମନ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନକୁ ଆହୁରି କଡ଼ାକଡ଼ି କରାଯିବ । ଏଥିପାଇଁ ରାଜ୍ୟ ସରକାରମାନଙ୍କୁ ସବୁପ୍ରକାର ସହାୟତା ଯୋଗାଇ ଦିଆଯିବ । ସନ୍ତ୍ରାସବାଦୀ ସଂଗଠନଗୁଡ଼ିକୁ ପ୍ରତିହତ କରିବା ପାଇଁ ରାଜ୍ୟ ସରକାରମାନେ କେନ୍ଦ୍ର ସହ ମିଳିମିଶି କାର୍ଯ୍ୟ କରିବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପରାମର୍ଶ ଦେଇଛନ୍ତି । ଏଥିପାଇଁ ସନ୍ତ୍ରାସବାଦ ବିରୋଧୀ ସଂସ୍ଥାଗୁଡ଼ିକ ଏକକ ପ୍ରଶିକ୍ଷଣ ବ୍ୟବସ୍ଥା ଏବଂ ଅନୁସନ୍ଧାନ କ୍ଷେତ୍ରରେ ଜାତୀୟ ଡାଟାବେସ୍‌ର ବ୍ୟବହାର କରିବା ଉପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଗତକାଲି ନୂଆଦିଲ୍ଲୀରେ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍.ଆଇ.ଏ.ର ଦୁଇଦିନିଆ ସମ୍ମିଳନୀର ଉଦ୍‌ଯାପନି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ଏହା କହିଛନ୍ତି । ଯାହାକି ପ୍ରଧାନମନ୍ତ୍ରୀଙ୍କ ସନ୍ତ୍ରାସବାଦ ପ୍ରତି ଶୂନ୍ୟ ସହନଶୀଳତା ପ୍ରତିଫଳିତ ହେଉଛି । ଏଥିସହ ସନ୍ତ୍ରାସବାଦିମାନଙ୍କୁ ଅର୍ଥଯୋଗାଣ ବନ୍ଦ କରାଯିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି । ଉଦ୍‌ଯାପନ ବୈଠକରେ ଅଧ୍ୟକ୍ଷତା କରି ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲା ଉଭୟ ରାଜ୍ୟ ଏବଂ ଜାତୀୟ ସଂସ୍ଥାଗୁଡ଼ିକ ପରସ୍ପର ମଧ୍ୟରେ

ସମନ୍ୱୟ ରକ୍ଷା ସହ ଦଳଗତ କାର୍ଯ୍ୟ କଲେ ସନ୍ତ୍ରାସବାଦ ଦମନ କ୍ଷେତ୍ରରେ ସଫଳ ହୋଇପାରିବ ବୋଲି କହିଛନ୍ତି ।

## ଏସୀୟ କ୍ରୀଡ଼ା

ଚୀନ୍‌ର ହାଙ୍ଗ୍‌ଝୋ ଠାରେ ଚାଲିଥିବା ଏସୀୟ କ୍ରୀଡ଼ାରେ ଭାରତ ପ୍ରଥମ ଥର ପାଇଁ ୧୦୦ଟି ପଦକ ହାସଲ କରିବାକୁ ଯାଉଛି । ଆଜି ସକାଳୁ ମହିଳା ତୀରଚାଳନାରେ ଜ୍ୟୋତି ସୁରେଖା ଭୋନାମ୍‌ଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି । ଗତକାଲି ଭାରତୀୟ ମଲ୍ଲଯୋଦ୍ଧାମାନେ ତିନୋଟି ପଦକ ଜିତିଥିବା ବେଳେ ସିପକ୍ ଟାକ୍ରରୁ ପ୍ରଥମଥର ପାଇଁ ବ୍ରୋଞ୍ଜ ପଦକ ଆସିଛି । ଭାରତୀୟ ପୁରୁଷ ହକି ଦଳ ଗତକାଲି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଇତିମଧ୍ୟରେ ଭାରତ ୨୩ଟି ସ୍ୱର୍ଣ୍ଣ, ୩୪ଟି ରୌପ୍ୟ ଓ ୩୯ଟି ବ୍ରୋଞ୍ଜ ସହିତ ମୋଟ୍ ୯୫ଟି ପଦକ ହାସଲ କରିସାରିଛି । କବାଡ଼ିରେ ଦୁଇଟି, ତୀର ଚାଳନାରେ ୨ଟି, ହକି, ବ୍ୟାଡ୍‌ମିଣ୍ଟନ୍ ଓ କ୍ରିକେଟ୍‌ରୁ ଗୋଟିଏ ଲେଖାଏଁ ଏହିପରି ଆଉ ୬ଟି ପଦକ ପାଇବା ନିଶ୍ଚିତ ହୋଇଛି । ତେଣୁ ଆଜି ଭାରତ ଏସୀୟ କ୍ରୀଡ଼ା ଇତିହାସରେ ପ୍ରଥମଥର ପାଇଁ ଶତକ ପୂରଣ କରିବ ବୋଲି ଆଶା କରାଯାଉଛି । ପୁରୁଷ ହକିରେ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିଛି ।

ଚଳିତ ଏସୀୟ କ୍ରୀଡ଼ାରେ ମହିଳା କ୍ରିକେଟ ଦଳ ସ୍ୱର୍ଣ୍ଣ ପଦକ ଜିତିସାରିଥିବା ବେଳେ ପୁରୁଷ ଦଳ ସ୍ୱର୍ଣ୍ଣପଦକ ମୁକାବିଲା ଆଜି ଆଫ୍‌ଗାନିସ୍ତାନକୁ ଭେଟିବ । ସେହିଭଳି ଭାରତୀୟ ପୁରୁଷ କବାଡ଼ି ଦଳ ଫାଇନାଲ୍‌କୁ ଯାଇଥିବାରୁ ସ୍ୱର୍ଣ୍ଣପଦକ ଜିତିବା ଆଶା କରାଯାଉଛି । ଭାରତର ଉଭୟ ପୁରୁଷ ଓ ମହିଳା ଚେସ୍ ଦଳ ଅଷ୍ଟମ ରାଉଣ୍ଡ ସୁଦ୍ଧା ଦ୍ୱିତୀୟ ସ୍ଥାନରେ ଥିବାରୁ ଅତିକମ୍‌ରେ ରୌପ୍ୟ ପଦକ ପାଇବା ସମ୍ଭାବନା ରହିଛି ।

## ଆଇଏମ୍‌ଡି ମନସୁନ୍

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଉତ୍ତର-ପଶ୍ଚିମ ଭାରତ, କେନ୍ଦ୍ରୀୟ ଭାରତ, ଗୁଜରାଟ ଏବଂ ମହାରାଷ୍ଟ୍ରର କେତେକ ଅଞ୍ଚଳରୁ ଅପସାରିତ ହୋଇଛି । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜାମ୍ମୁ-କାଶ୍ମୀର, ଲଦାଖ, ଗିଲ୍‌ଗିଟ୍, ବାଲ୍‌ତିସ୍ତାନ, ମୁଜାଫରାବାଦ୍, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶର କେତେକ ଅଞ୍ଚଳ, ମଧ୍ୟପ୍ରଦେଶ, ଗୁଜରାଟ, ମହାରାଷ୍ଟ୍ର ଏବଂ କୋଙ୍କଣ ଅଞ୍ଚଳରୁ ଅପସାରିତ ହୋଇଥିବାବେଳେ ଉତ୍ତର ପ୍ରଦେଶର ଅବଶିଷ୍ଟ ଅଞ୍ଚଳ, ମଧ୍ୟପ୍ରଦେଶ, ବିହାରର କେତେକ ଅଞ୍ଚଳ, ଝାଡ଼ଖଣ୍ଡ, ଓଡ଼ିଶା, ଛତିଶଗଡ଼, ତେଲଙ୍ଗାନା ଏବଂ ମହାରାଷ୍ଟ୍ରର କେତେକ ଅଞ୍ଚଳରୁ ଆସନ୍ତା ଦୁଇ ତିନିଦିନ ମଧ୍ୟରେ ଅପସାରିତ ହେବ । ଆସନ୍ତା ୨୪ ଘଣ୍ଟା

ମଧ୍ୟରେ ଦେଶର ଉତ୍ତର ପୂର୍ବାଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।